# Sample Question Paper - 6
## (2020 - 2021)
## Class - X
## ଓଡ଼ିଆ
## ODIA - (013)

---

ସମୟ - ୩ ଘଂଟା

**ସାଧାରଣ ନିର୍ଦ୍ଦେଶାବଳୀ: ନିମ୍ନଲିଖିତ ନିର୍ଦ୍ଦେଶଗୁଡ଼ିକ ସାବଧାନ ସହକାରେ ପଢ଼ି ପାଳନ କର ।** ପୂର୍ଣ୍ଣ ସଂଖ୍ୟା - ୮୦

ଏହି ପ୍ରଶ୍ନ ପତ୍ରରେ ଦୁଇଟି ବିଭାଗ ରହିଛି । 'କ' ବିଭାଗ ଓ 'ଖ' ବିଭାଗ

'କ' ବିଭାଗ ରେ ବସ୍ତୁନିଷ୍ଠ (**objective question**) ପ୍ରଶ୍ନ ପଚରା ଯାଇଛି ।

'କ' ବିଭାଗ ରେ ସମୁଦାୟ ୫୩ଟି ବହୁ ବୈକଳ୍ପିକ/ନିର୍ଦ୍ଦିଷ୍ଟ **ଉତ୍ତର** ମୂଳକ ପ୍ରଶ୍ନ (**M.C.Q**) ପଚରାଯାଇଛି । ଦିଆ ଯାଇଥିବା ନିର୍ଦ୍ଦେଶ ପାଳନ କରି କେବଳ ୪୦ଟି ପ୍ରଶ୍ନର **ଉତ୍ତର** ଦେବ ।

'ଖ' ବିଭାଗରେ ବର୍ଣ୍ଣନାତ୍ମକ /ଲିଖନ ମୂଳକ ପ୍ରଶ୍ନ (**Descriptive Questions**) ପଚରାଯାଇଛି ।

'ଖ' ବିଭାଗରେ ସମୁଦାୟ ୧୯ ଟି ପ୍ରଶ୍ନ ପଚରାଯାଇଛି । ଏଠାରେ ବୈକଳ୍ପିକ ପ୍ରଶ୍ନ ମଧ୍ୟ ପଚରାଯାଇଛି । ଦିଆ ଯାଇଥିବା ନିର୍ଦ୍ଦେଶ ପାଳନ କରି କେବଳ ୧୦ଟି ପ୍ରଶ୍ନର **ଉତ୍ତର** ଦେବ ।

## କ-ବିଭାଗ

### ବର୍ଣ୍ଣନାତ୍ମକ/ ଲିଖନମୂଳକ ପ୍ରଶ୍ନ

**1. ନିମ୍ନ ଅନୁଚ୍ଛେଦଟିକୁ ପଢି ଯେକୌଣସି ୪ଟି ପ୍ରଶ୍ନର ଠିକ ଉତ୍ତର ବାଛ ।** (୧x୪=୪)

ଓଡିଶାର ଲୋକନାଟଙ୍କ ପର୍ବପର୍ବାଣୀ ଯାନିଯାତ୍ରା ଆମ ଜୀବନ ଯାତ୍ରାର ଏକ ପ୍ରମୁଖ ଅଂଶ ବିଶେଷ । ଏହି ଯାତ୍ରା ବା ଲୀଳା, ସୁଆଙ୍ଗ, ଦଣ୍ଡ ନାଟ ପ୍ରଭୃତି ଲୋକନାଟକ ଗୁଡିକ ଯାତ୍ରା ଅଭିଧାରେ ଚିହ୍ନିତ ହୁଅନ୍ତି । ଅବଶ୍ୟ ପ୍ରତ୍ୟେକ ବିଭାଗର ସ୍ୱାତନ୍ତ୍ର ରହିଛି । ତେଣୁ 'କୃଷ୍ଣଲୀଳା'ର ପରିକଳ୍ପିତ ରୂପ 'ଧନୁଯାତ୍ରା' । ଏହା ପଶ୍ଚିମ ଓଡିଶାର ଲୋକନାଟକ । ଏହା ପୌଷ ଶୁକ୍ଳପକ୍ଷ ପଂଚମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏଗାର ଦିନ ଧରି ଅଭିନୀତ ହୁଏ । ଏହି ଧନୁଯାତ୍ରା ମଧ୍ୟରେ ଲୋକରୁଚି, ଲୋକ ପରମ୍ପରା, ଲୋକଚଳଣି ଇତ୍ୟାଦି ପ୍ରତିଫଳିତ ହୁଏ । ସେଥିପାଇଁ ଏହି ଯାତ୍ରାକୁ ଲୋକନାଟକ କୁହାଯାଏ । ଏହା ବରଗଡ ଜିଲ୍ଲାରେ ଅନୁଷ୍ଠିତ ହୋଇଥାଏ । ବରଗଡର ପାଖ ଗାଁ ଆମ୍ବପାଲି ଗୋପପୁର ହୁଏ ଏବଂ ଜୀରା ନଦୀ ଯମୁନା ହୁଏ ଓ ବରଗଡ ହୁଏ ମଥୁରା କଂସର ରାଜ୍ୟ । ଏହା କୃଷ୍ଣଜନ୍ମ ଠାରୁ କଂସ ବଧ ପର୍ଯ୍ୟନ୍ତ ସମସ୍ତ ବିଷୟର ନାଟ୍ୟରୂପେ ସ୍ଥାନୀୟ ଅଭିନେତା ମାନଙ୍କ ଦ୍ୱାରା ନିଆରା ଢଙ୍ଗରେ ପରିବେଷିତ ହୁଏ । କେବଳ କଂସ ଏହି ଯାତ୍ରାର କେନ୍ଦ୍ରିୟ ଚରିତ୍ର ହୋଇଥିବାରୁ ତାଙ୍କର ନିର୍ବାଚନ ଯୋଗ୍ୟତା ଭିତିରେ ହୋଇଥାଏ । । କଂସ ନିଜର ସଂଳାପ ଇତ୍ୟାଦି ନିଜ ମଧ୍ୟରୁ କହିଥାନ୍ତି ।ସେମିତି ଅନ୍ୟ ଚରିତ୍ରମାନେ ମଧ୍ୟ ତାହା ହିଁ କରନ୍ତି । କଂସଙ୍କର ଗଜାରୂଢ଼ ହୋଇ ନଗର ପରିକ୍ରମା କରିବା, ନଗରବାସୀଙ୍କ ଅଭାବ ଅସୁବିଧା ବୁଝି ପ୍ରତିକାର ନିମନ୍ତେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦରବାରକୁ ଡକାଇ ଦୋଷ ଦଣ୍ଡବିଧାନ କରିବା ଦୃଶ୍ୟ ଦର୍ଶକମାନଙ୍କୁ ଚକିତ ତଥା ଆମୋଦିତ କରିଥାଏ ।

'ଧନୁଯାତ୍ରା' ନାଟକରେ ଅଭିନୟ କରୁଥିବା ଚରିତ୍ରମାନଙ୍କର ସ୍ୱତଃସ ଅଭିନୟ ସମଗ୍ର ପରିବେଶକୁ ଦ୍ୱାପର ଯୁଗକୁ ନେଇଯିବା ଭଳି ଲାଗେ । ଦେବକୀ ବାସୁଦେବ ବିବାହ, କୃଷ୍ଣଜନ୍ମ, ବିଜୁଳିକନ୍ୟା ବୃତାନ୍ତ, ନନ୍ଦୋତ୍ସବ, ପୁତନାବଧ, କାଳୀୟଦଳନ, ମଲ୍ଲ ଯୁଦ୍ଧ, କଂସବଧ ଇତ୍ୟାଦି ପ୍ରଦର୍ଶନ ହୋଇଥାଏ ।

(କ) ଧନୁଯାତ୍ରାର ମୁଖ୍ୟଚରିତ୍ର କିଏ ?

(i)ଶ୍ରୀକୃଷ୍ଣ

(ii) କଂସ

(iii)ଦେବକୀ

(iv)ବଳରାମ

(ଖ) 'ଧନୁଯାତ୍ରା' କେତେଦିନ ଧରି ଅଭିନୀତ ହୁଏ ?

(i)୧୦

(ii) ୧୩

(iii)୯

(iv)୧୧

(ଗ) କାହାର ପରିକଳ୍ପିତ ରୂପ ଧନୁଯାତ୍ରା ଅଟେ ?

(i)ଦଣ୍ଡନାଟ

(ii)ସୁଆଙ୍ଗ

(iii)କୃଷ୍ଣଲୀଳା

(iv) ଯାତ୍ରା

(ଘ)କାହକୁ ପଶ୍ଚିମ ଓଡିଶାର ଲୋକ ନାଟକ କୁହାଯାଏ ?

(i)ଦଣ୍ଡନାଟ

(ii) ଧନୁଯାତ୍ରା

(iii)ଲୀଳା

(iv)ସୁଆଙ୍ଗ

(ଙ)କଂସର ରାଜ୍ୟ କେଉଁଠାରେ ହୁଏ ?

(i )ଆମ୍ବପାଲି (ii)ଗୋପପୁର (iii)ବରଗଡ (iv)ସମ୍ବଲପୁର

(ଚ)'ଧନୁଯାତ୍ରା' କେଉଁ ଦିନଠାରୁ ଆରମ୍ଭ ହୁଏ ?

(i)ପୌଷ ଶୁକ୍ଳପକ୍ଷ ପଂଚମୀ (ii) ପୌଷ ଶୁକ୍ଳପକ୍ଷ ସପ୍ତମୀ

(iii) ପୌଷ କୃଷ୍ଣପକ୍ଷ ପଂଚମୀ (iv) ପୌଷ କୃଷ୍ଣପକ୍ଷ ସପ୍ତମୀ

(ଛ) 'ଧନୁଯାତ୍ରା' ଅନୁଚ୍ଛେଦ ଟି କେଉଁ ଯୁଗର ପରିଚୟ ପ୍ରଦାନ କରୁଛି ?

(i)କଳିଯୁଗ (ii)ଦ୍ୱାପର ଯୁଗ (iii)ସତ୍ୟ ଯୁଗ (iv)ତ୍ରେତୟା ଯୁଗ

କିମ୍ବା

**ନିମ୍ନ ଅନୁଛେଦଟି ପଢ଼ି ଯେ କୌଣସି ୫ଟି ପ୍ରଶ୍ନର ଉତ୍ତର ବାଛ ।**

୧୮୯୫ ମସିହା ନଭେମ୍ବର ୨୭ ତାରିଖ। ସେଦିନ ତଦାନୀନ୍ତନ ସମୟର ସବୁଠାରୁ ଶକ୍ତିଶାଳୀ ବିସ୍ଫୋରକ 'ଡିନାମାଇଟ'ର ଉଦ୍ଭାବକ ଆଲଫ୍ରେଡ୍ ବର୍ଣ୍ଣାଡ୍ ନୋବେଲ୍ ତାଙ୍କଦ୍ୱାରା ଗଚ୍ଛିତ ବିପୁଳ ଅର୍ଥ ତାଙ୍କ ମୃତ୍ୟୁପରେ କିପରି ସଦୁପଯୋଗ କରାଯିବ ତାହାନେଇ ଇଚ୍ଛାପତ୍ର ବା ଉଇଲ୍‌ଟିଏ ପ୍ରସ୍ତୁତ କଲେ । ଏହାର ପ୍ରାୟ ଏକବର୍ଷ ପରେ ଅର୍ଥାତ୍ ୧୮୯୬ ମସିହାରେ ତାଙ୍କର ମୃତ୍ୟୁ ଘଟିଲା ଏବଂ ୧୯୦୧ ମସିହାରେ ତାଙ୍କର ସେହି ଇଚ୍ଛାପତ୍ରଟି ଉନ୍ମୋଚନ କରି ପାଠ କରାଗଲା । ମାନବସମାଜର କଲ୍ୟାଣଲାଗି ବିଭିନ୍ନ କ୍ଷେତ୍ରକୁ ମହାନ୍ ଅବଦାନ ନିମନ୍ତେ ଆର୍ଥିକ ପୁରସ୍କାରର ବ୍ୟବସ୍ଥା କରିବାରେ ତାଙ୍କ ସଞ୍ଚିତ ଅର୍ଥ ବିନିଯୋଗ କରିବାପାଇଁ ତହିଁରେ ଉଲ୍ଲେଖ ଥିଲା । ପୁନଶ୍ଚ, ଏଥିପାଇଁ ସଠିକ ମନୋନୟନ ଲାଗି କେଉଁ କେଉଁ ସଂସ୍ଥା ତାହା କରିବେ ସେକଥା ମଧ୍ୟ ତହିଁରେ ସୂଚିତ କରାଯାଇଥିଲା । ତଦନୁଯାୟୀ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନରେ ଏ ଦାୟିତ୍ୱ ସୁଇଡ଼ିସ୍ ରୟାଲ ଏକାଡ଼େମି ଅଫ୍ ସାଇନ୍‌ସ ଉପରେ ନ୍ୟସ୍ତ କରାଗଲାବେଳେ, ଶରୀର ଓ ଭେଷଜ ବିଜ୍ଞାନ ପାଇଁ ଷ୍ଟକହୋମର କ୍ୟାରୋଲିନ ପ୍ରତିଷ୍ଠାନ, ସାହିତ୍ୟ ପାଇଁ ସୁଇଡ଼ିସ୍ ଏକାଡ଼େମୀ ଅଫ୍ ଲିଟରେଚର ଏବଂ ଶାନ୍ତିପାଇଁ ନରୱେର ନୋବେଲ କମିଟିକୁ ଏ ଦାୟିତ୍ୱ ପ୍ରଦାନ କରାଗଲା । ଅତଏବ୍ ସେହିବର୍ଷ ପ୍ରଦାନ କରାଗଲା ପ୍ରଥମ ନୋବେଲ ପୁରସ୍କାର

କ। ନୋବେଲ ପୁରସ୍କାରର ପ୍ରବର୍ତ୍ତକ କିଏ ?

i) ଆଲଫ୍ରେଡ୍ ବର୍ଣ୍ଣାଡ ନୋବେଲ୍

ii) ଏକଫ୍ରେଡ ବର୍ଣ୍ଣାଡ୍ ନୋବେଲ୍

iii) ଲୁଇସ ବର୍ଣ୍ଣାଡ୍ ନୋବେଲ୍

iv) ଏଲିସ୍ ବର୍ଣ୍ଣାଡ୍ ନୋବେଲ୍

ଖ। ନୋବେଲ ପୁରସ୍କାର ପ୍ରବର୍ତ୍ତକ କ'ଣ ଉଦ୍ଭାବନ କରିଥିଲେ ?

i) ଡିନାମାଇଟ୍

ii) ଆଟମ୍‌ବମ୍

iii) ବନ୍ଧୁକ

iv) ତୋପ

ଗ। ନୋବେଲ ଇଚ୍ଛା ପତ୍ରରେ କ'ଣ ଉଲ୍ଲେଖ ଥିଲା ?

i) ନୋବେଲଙ୍କ ମୃତ୍ୟୁ ପରେ ତାଙ୍କ ଗଚ୍ଛିତ ଅର୍ଥର ସଦୁପଯୋଗ କରିବା ବିଷୟ

ii) ଗଚ୍ଛିତ ଅର୍ଥ କାହାକୁ ଦାନ କରଯିବ ସେ ବିଷୟ

iii) ଗଚ୍ଛିତ ଅର୍ଥ ଯେପରି କେହି ନ ନେବେ ସେ ବିଷୟ

iv) ମାନବସମାଜର କଲ୍ୟାଣ ଲାଗି ବିଭିନ୍ନ କ୍ଷେତ୍ରକୁ ମହାନ୍ ଅବଦାନ ପାଇଁ ଆର୍ଥିକ ପୁରସ୍କାର ପ୍ରଦାନ କରିବା ବିଷୟ ।

ଘ। କେଉଁ ସଂସ୍ଥା ଉପରେ ସାହିତ୍ୟ ପାଇଁ ଉପଯୁକ୍ତ ପ୍ରାର୍ଥୀ ଚୟନ ଦାୟିତ୍ୱ ନ୍ୟସ୍ତ କରାଯାଉଛି ?

i) ସୁଇଡ଼ିସ୍ ଏକାଡ଼େମୀ ଅଫ୍ ଲିଟରେଚର

ii) ନରୱେ କମିଟି

iii) ସୁଇଡ଼ିସ୍ ରୟାଲ ଏକାଡ଼େମୀ

iv) କ୍ୟାରୋଲିନ୍ ପ୍ରତିଷ୍ଠାନ

ଙ। ପ୍ରଥମ ନୋବେଲ୍ ପୁରସ୍କାର କେବେ ପ୍ରଦାନ କରାଗଲା ?

i) ୧୮୯୬

ii) ୧୯୦୧

iii) ୧୮୯୫

iv) ୧୯୦୨

ଚ। ଉଇଲ ପ୍ରସ୍ତୁତର କେତେବର୍ଷ ପରେ ନୋବେଲଙ୍କର ମୃତ୍ୟୁ ଘଟିଲା ?

i) ଦୁଇ ବର୍ଷ ପରେ

ii) ପାଞ୍ଚ ବର୍ଷ ପରେ

iii) ଏକ ବର୍ଷ ପରେ

iv) ତିନି ବର୍ଷ ପରେ

**2.** ନିମ୍ନ ପଦ୍ୟାଂଶଟିକୁ ପଢ଼ି ଯେକୌଣସି ପାଞ୍ଚଟି ପ୍ରଶ୍ନର ଉତ୍ତର ବାଛ । **(1×5=5)**

ହରବ ସହଣା ମାଟି
ସବୁରି ଉପରେ ସ୍ନେହ ତୋହର
ସମାନେ ଦେଇଛୁ ବାଣ୍ଟି ।
ତୋର ମିଠାପଣି ତୋ' ଧୀର ପବନ
ଦେହେ ମୋ ଦେଇଛି ବଳ
ଶକତି ଦେଇଛି ତୃପତି ଦେଇଛି
ତୋ' ଗଛ ଲତାର ଫଳ ।
ସବୁଜ ଘାସର କଅଁଳ ବିଛଣା
ଦିଏ କି ଆରାମ ମତେ
ମାଆ ପରି ମୋର ଅଳି ଅରଦଳି
କେତେ ନ ସହିଛୁ ସତେ ।
ଦେହ ଦୁଃଖ ପାଇଁ ସାଇତିଛୁ କେତେ
ଚେରମୂଳି ଗଛ ଲତା
ମନ ଦୁଃଖ ଲାଗି ନଈ ସମୁଦ୍ରରେ
ଭରିଅଛୁ ହସ କଥା ।
ବୁକୁ ମୋ ଫୁଲାଏ ଆଖି ମୋ ଭୁଲାଏ
ତୋ' ବଣ ପକ୍ଷୀର ଡାକ
ସରଗ ଡାକିଲେ ମନ ବଳେ ନାହିଁ
ଛାଡ଼ିବାକୁ ତୋର କାଖ ।

କ) ଉକ୍ତ କବିତାଂଶଟି କେଉଁ କବିତା ପୁସ୍ତକରୁ ସଂଗୃହୀତ ?

i) ସଞ୍ଚୟନ

ii) କାକଳି

iii) ମାଟିପାଣି ପବନ

iv) ଝରା ଶିଉଳି

ଖ) କାହାର ମିଠାପାଣି କଥା କବିତାରେ କୁହାଯାଇଛି ?

i) ସମୁଦ୍ରର

ii) ହ୍ରଦର

iii) ମାଟିର

iv) ଘରର

ଗ. ହସକଥା କେଉଁଠାରେ ଭରି ରହିବା କଥା କବି କହିଛନ୍ତି ?

i) ନଦୀ ସମୁଦ୍ରର
ii) ଗଛଲତାରେ
iii) ପକ୍ଷୀ ଡାକକିରେ
iv) ମାଟିରେ

ଘ. ଦେହ ଦୁଃଖ ପାଇଁ ମାଟି ମାଆ କ'ଣ ଯାଇତି ରଖିଛି ?

i) ପାହାଡ଼
ii) ନଦୀ
iii) ବଟ ବୃକ୍ଷ
iv) ଚେରମୂଳି

ଙ। କବିତାରେ ସର୍ବଂସହା ବୋଲି କାହାକୁ କୁହାଯାଇଛି ?

i) ଜନନୀ
ii) ଜନ୍ମମାଟି
iii) କବୟିତ୍ରୀ
iv) ଶିକ୍ଷୟିତ୍ରୀ

ଚ। କାହାର ଡାକରେ କବିଙ୍କର ବୁକୁ ଫୁଲି ଉଠିଛି ?

i) ଆକାଶ ପକ୍ଷୀ
ii) ବଣ ପକ୍ଷୀ
iii) ଘର ପକ୍ଷୀ
iv) ପଞ୍ଜୁରୀ ପକ୍ଷୀ

ଛ. ସରଗ ଡାକିଲେ କାହାର ପାଖ ଛାଡି ଯିବା କବିଙ୍କ ମନ ବଳୁନାହିଁ ?

i) ମାଆର
ii) ମାଟି ମାଆ
iii) ଜେଜେ ମାଆ
iv) କାକି ମାଆ

କିମ୍ବା

**ନିମ୍ନ ପଠିତ ପଦ୍ୟାଂଶଟିକୁ ପଢ଼ି ଯେକୌଣସି ପଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ ।**

ପ୍ରାଚୀ-ମୂଳ ଏବେ ମାନଜାବୀ-ନାବେ
ଛାୟାକାରେ ଚିତ୍ର ଦିଶେ ଠାବେ ଠାବେ ।
ମତ୍ସ୍ୟ ଧରି ସେହି ସମୁଦ୍ର ମୁହାଣେ
ନିଜ ଗୃହ କଥା ଭାବି ଏକଧ୍ୟାନେ,
ଡାଳେରି ଶିଖରେ ସନ୍ଧ୍ୟା-ତାରା ଦେଖି
ଆସନ୍ତି ଫେରିକି ମହୋଲ୍ଲାସେ ଡେକି ।
ତାଙ୍କ କଣ୍ଠ-କବିସୂର୍ଯ୍ୟ-ଗୀତାମୃତ
ଦୂରୁଁ ବହି ଆଣେ ଚିଲିକା-ମାରୁତ ।
ଉଲ୍ଲାସର ଆତ୍ମା ପ୍ରାୟେ ଗୀତ-ତାନ
ହୃଦ-ନାକ-ବକ୍ଷେ କରେ ଅଧିଷ୍ଠାନ ।
ହସନ୍ତି ଚୌଦିଗେ ମଧୁର-ହାସିନୀ
ଦିଗଙ୍ଗନ ଜ୍ୟୋତ୍ସ୍ନା-ଦୁକୂଳ-ବାସିନୀ ।
ଭାବାନ୍ତର ପୁଣି କ୍ଷଣେ କରେ ଜାତ
"ଗନାଣି ତ ଚଲା କଥାରେ ସଙ୍ଗୀତ" ।
ସଙ୍ଗୀତ ଆବେଶେ ନାନାରୂପେ ମନ
ଅତୀନ୍ଦ୍ରିୟଦେଶେ କରେ ବିଚରଣ ।

କ। ପ୍ରାଚୀ ମୂଳରେ କାହାର ଛାୟାଚିତ୍ର ଦେଖାଯାଉଥିଲା ?

i) ପର୍ବତର

ii) ଚନ୍ଦ୍ରମାର

iii) ମାନଜାବୀ ନାବର

iv) ପାଲର

ଖ। କବି କାହାକୁ ଉଲ୍ଲାସର ଆତ୍ମା ବୋଲି କହିଛନ୍ତି ?

i) ନାବିକ ମନକୁ

ii) ଗୀତର ତାନକୁ

iii) ଶୂନ୍ୟକୁ

iv) କବିସୂର୍ଯ୍ୟଙ୍କୁ

ଗ। କାହା କଥା ଭାବି ଭାବି ମତ୍ସ୍ୟଜୀବୀମାନେ ଫେରୁଥିଲେ ?

i) କବିସୂର୍ଯ୍ୟଙ୍କ କଥା

ii) ଚିଲିକାର ସୌନ୍ଦର୍ଯ୍ୟ କଥା

iii) ନିଜ ଗୃହ କଥା

iv) ମତ୍ସ-ମାନଙ୍କ କଥା

ଘ । ଭାଲେରି ଶିଖରରେ ସନ୍ଧ୍ୟାତାରା ଦେଖି କେଉଁମାନେ ଉଲ୍ଲସିତ ହୋଇଛନ୍ତି ?

i) ପ୍ରକୃତିପ୍ରେମୀ

ii) ନୈଚାଳକ

iii) ମୀନଜୀବୀ

iv) କବିବର

ଙ । ଦିଗଙ୍ଗନାଙ୍କ ଉଦ୍ଦେଶ୍ୟରେ କେଉଁ ଶବ୍ଦପୁଞ୍ଜ ବ୍ୟବହୃତ ହୋଇଛି ?

i) ହସନ୍ତି ଚୌଦିଗେ ଓ ନୀଳ ଜଳେ

ii) ମଧୁର ହାସିନୀ ଓ ଦିଗଙ୍ଗନା

iii) ଜ୍ୟୋତ୍ସ୍ନା ଦୁକୂଳ-ବାସିନୀ ଓ ସନ୍ଧ୍ୟାରାଣୀ

iv) ମଧୁରହାସିନୀ ଓ ଜ୍ୟୋତ୍ସ୍ନା ଦୁକୂଳ-ବାସିନୀ

ଚ । ସଂଗୀତର ଆବେଗରେ ମନ କେଉଁଠାରେ ଭ୍ରମଣ କରେ ?

i) ଚିଲିକା ବକ୍ଷରେ

ii) ନୀଳ ଆକାଶରେ

iii) ଅତୀନ୍ଦ୍ରିୟ ରାଜ୍ୟର

iv) ମତ୍ସ୍ୟଜୀବୀଙ୍କ ମନରେ

ଛ । ଦିଗଙ୍ଗନା କେଉଁଠାରେ ହସୁଥିଲେ ?

i) ପୂର୍ବଦିଗରେ

ii) ଚୌଦିଗରେ

iii) ଚିଲିକା ଜଳରେ

iv) ଚନ୍ଦ୍ରକିରଣରେ

**3. ଉତର ପର୍ଯ୍ୟାୟରୁ ଠିକ ଉତରବାଛି ଲେଖ । (ଯେକୌଣସି ପାଂଚଟିର) (୧x୫=୫)**

**(କ)ଗୋବିନ୍ଦଭାଇ ପ୍ରବନ୍ଧକଙ୍କୁ କୁଟୀରରେ ବସାଇ କଣ ବ୍ୟାଖ୍ୟା କରୁଥିଲେ ?**

**(i)ଉପନିଷଦ**

**(ii)ଶ୍ରୀମଦ ଭାଗବତଗୀତା**

**(iii)ସାରଳା ମହାଭାରତ**

**(iv)ମନବୋଧ ଚଉତିଶା**

**(ଖ)ବର୍ତମାନ ପୃଥିବୀର ସଭ୍ୟତାର ଆଦର୍ଶକଣ ?**

**(i ) ମାନବର ସର୍ବାଙ୍ଗୀନ ଉନ୍ନତି ସାଧନ**

(iii) ମାନବର ଶାରୀରି ଉନ୍ନତି ସାଧନ

(iv) ମାନବର ବୈଷୟିକ ଉନ୍ନତି ସାଧନ

(ଗ)ପ୍ରତ୍ୟେକ ଭୋଟର ଉପଯୁକ୍ତ ଶିକ୍ଷା ନ ପାଇବା ପର୍ଯ୍ୟନ୍ତ କଣ ସଫଳ ହୋଇପାରିବ ନାହିଁ ?

(i)ରାଜତନ୍ତ୍ର

(ii)ଗଣତନ୍ତ୍ର

(iii)ସାମ୍ୟବାଦ

(iv)ସାର୍ବଭୌମ

(ଘ)ସନ୍ନ୍ୟାସୀର ଯଥାର୍ଥ ବ୍ରତ କଣବୋଲି ବିବେକାନନ୍ଦ ଠିକ କଲେ ?

(i)ଯୋଗ ସାଧନା

(ii)ଦରିଦ୍ରନାରାୟଣ ସେବା

(iii)ସଂସାରପ୍ରତି ଅନାସକ୍ତ ରହିବା

(iv) ଉପବାସ ରହିବା

(ଙ)କୃଷ୍ଣକେତେ ଦିନକୁ କଂଟକରି ମଥୁରାକୁ ଯାଇଥିଲେ ?

(i)ପାଂଚ ଦିନକୁ

(ii)ପାଂଚ ବର୍ଷକୁ

(iii)ତିନି ଦିନକୁ

(iv)ତିନି ବର୍ଷକୁ

(ଚ)ଗାଜୀପୁରରେ ବିବେକାନନ୍ଦଙ୍କର କାହା ସହିତ ସାକ୍ଷାତ ହେଲା ?

(i)ରାମକୃଷ୍ଣନନ୍ଦ

(ii) ସନ୍ଧିଯୋଗୀ ପହୋରୀ ବାବା

(iii)ଗୁରୁ ରାମକୃଷ୍ଣଙ୍କ ସହିତ

(iv)ଶରତଚନ୍ଦ୍ରଗୁପ୍ତଙ୍କ ସହିତ

(ଛ)ଋଷସରକାର ଲୋକମାନଙ୍କୁ କେଉଁଥିରେ ଶିକ୍ଷା ଓ ଶାସନ ଚଳାଇବାକୁ ଅଧିକାର ଦେଇଛନ୍ତି ?

(i)ସେମାନଙ୍କ ମାତୃଭାଷାରେ

(ii) ସେମାନଙ୍କ ରଷ୍ଟ୍ରଭାଷାରେ

(iii)ଇଂରାଜୀଭାଷାରେ (iv) ସବୁ ଭାଷାରେ

4. ଉତର ପର୍ଯ୍ୟାୟରୁ ଠିକ ଉତରବାଛି ଲେଖ । (ଯେକୌଣସି ପାଂଚଟିର) (୧x୫=୫)

(କ) ଅଭିମନ୍ୟୁଙ୍କ ପିତାଙ୍କ ନାମ କଣ ?

(i)ଯୁଧିଷ୍ଠିର (ii)ଭୀମସେନ (iii)ଅର୍ଜ୍ଜୁନ (iv)ନକୁଳ

(ଖ) ନିଶାଧିନୀର ପ୍ରଭାବକୁ କିଏ ପ୍ରଚାର କରୁଛି ବୋଲି କବି କହିଛନ୍ତି ?

(i) ଗିରି (ii) ଝଙ୍କାରିର ଝଙ୍କାର

(iii)ବନଦେଶ (iv)ଏଗୁଡିକ ମଧ୍ୟରୁ କେଉଁଟିବି ନୁହଁ

(ଗ) 'କିଶୋର ଚନ୍ଦ୍ରନନ୍ଦଚମ୍ପୁ'କାହାର ଏକ କାଳଜୟୀ କୃତି ?

(i)ଅଭିମନ୍ୟୁ ସାମନ୍ତସିଂହାର (ii)ସାରଳା ଦାସ

(iii) ବଳଦେବ ରଥ (iv)ଦୀନକୃଷ୍ଣ ଦାସ

(ଘ) 'ମଙ୍ଗଳେ ଅଇଲେ ଉଷା' ପଦ୍ୟଟି କବିଙ୍କ କେଉଁ କାବ୍ୟର ଅଂଶବିଶେଷ ?

(i)ପ୍ରଣୟ ବଲ୍ଲରୀ (ii)ଉତ୍କଳ ଲକ୍ଷ୍ମୀ (iii)ତପସ୍ୱୀନୀ (iv) ପଦ୍ମିନୀ

(ଙ) ଉଷାଙ୍କ କର ବୋଲି କବି କାହାକୁ କଳ୍ପନା କରିଛନ୍ତି ?

(i)ପଲ୍ଲବକୁ (ii) ନିହାରକୁ (iii)ବିକଚ ରାଜୀବକୁ (iv)କଳକଣ୍ଠକୁ

(ଚ) କବି କଣ ଲୁପ୍ତ ହେବାକୁ କହିଛନ୍ତି ?

(i)ଶୋଷଣ (ii)ଜାତି ଉପଜାତି (iii)ଅତ୍ୟାଚାର (iv) ଦାରିଦ୍ର୍ୟ

(ଛ) କବି ମାଟି ମାଆକୁ କଣ ଖୋଜିବାକୁ କହିଛନ୍ତି ?

(i)ଚେତନାର ଚିବିକାଠି (ii)ଘରର ଚାବିକାଠି (iii)ହଜିଥିବା ଚାବିକାଠି (iv)ବିଦ୍ୟାରୂପକ ଚାବିକାଠି

5. ଉତର ପର୍ଯ୍ୟାୟରୁ ଠିକ ଉତରବାଛି ଲେଖ । (ଯେକୌଣସି ପାଂଚଟିର) (୧x୫=୫)

(କ) ପରିଶ୍ରମୀ ଛାତ୍ରମାନେ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି । ଏହା ଜଟିଳ ବାକ୍ୟରେ କଣ ହେବ ।

(i)ଯେଉଁ ଛାତ୍ରମାନେ ପରିଶ୍ରମ କରନ୍ତି ସେମାନେ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି ।

(ii)ଛାତ୍ରମାନେ ପରିଶ୍ରମ କରନ୍ତି ଓ କୃତକାର୍ଯ୍ୟ ହୁଅନ୍ତି ।

(iii)ଯେତେବେଳେ ଛାତ୍ରମାନେ ପରିଶ୍ରମକରନ୍ତି ସେତେବେଳେ କୃତକାର୍ଯ୍ୟ ହୁଅନ୍ତି ।

(iv)ଏଗୁଡିକ ମଧ୍ୟରୁ କେଉଁଟିକବି ନୁହଁ ।

(ଖ) ବସନ୍ତ ଋତୁରେ ଚତୁର୍ଦ୍ଦିଗ ସୁନ୍ଦର ଦେଖାଯାଏ । ଏହା କେଉଁ ପ୍ରକାର ବାକ୍ୟ ?

(i)ସରଳବାକ୍ୟ

(ii)ଜଟିଳବାକ୍ୟ

(iii)ଯୌଗିକ ବାକ୍ୟ

(iv)ନାସ୍ତିକ ସୂଚକ

(ଗ)ଜୋର ଯାହାର ମୁଲକ ତାର । ଏହା କେଉଁ ପ୍ରକାର ବାକ୍ୟ ?

(i)ଯୌଗିକ ବାକ୍ୟ

(ii)ଜଟିଳବାକ୍ୟ

(iii)ସରଳବାକ୍ୟ

(iv)ପ୍ରଶ୍ନସୂଚକ ବାକ୍ୟ

(ଘ)ସନ୍ଧ୍ୟାବେଳେ ପଶ୍ଚିମ ଆକାଶ ରକ୍ତିମ ଦେଖାଯାଏ । ଏହା ଯୌଗିକ ବାକ୍ୟ ରେ କଣ ହବ ?

(i)ସନ୍ଧ୍ୟାହୁଏ ଏବଂ ପଶ୍ଚିମ ଆକାଶ ରକ୍ତିମ ଦେଖାଯାଏ ।

(ii) ସନ୍ଧ୍ୟା ହେବାପରେ  ପଶ୍ଚିମ ଆକାଶ ରକ୍ତିମ ଦେଖାଯାଏ ।

(iii)ଯେହେତୁ ସନ୍ଧ୍ୟାହେଲା ତେଣୁ ପଶ୍ଚିମ ଆକାଶ ରକ୍ତିମଦେଖା ଗଲା ।

(iv)ଯେତେବେଳେ ସନ୍ଧ୍ୟାହୁଏ ସେତେବେଳେ ପଶ୍ଚିମଆକାଶ ରକ୍ତିମ ଦେଖାଗଲା ।

(ଙ)ସେ ଚୋରିକରିବାରୁ ଦଣ୍ଡପାଇଲା । ଏହା କେଉଁ ପ୍ରକାର ବାକ୍ୟ ?

(i)ଯୌଗିକ ବାକ୍ୟ

(ii)ସରଳବାକ୍ୟ

(iii)ଜଟିଳବାକ୍ୟ

(iv)ପ୍ରଶ୍ନସୂଚକ ବାକ୍ୟ

ଚ) ସେ ଦେଶ ଯାଇ ସେ ଫଳ ଖାଇ - ଏହା ଏକ କେଉଁ ପ୍ରକାର ବାକ୍ୟ ?

i) ଯୌଗିକ

ii) ଜଟିଳ

iii) ସରଳ

iv) ପ୍ରଶ୍ନ ସୂଚକ

ଛ ' ନିମ୍ନ ବାକ୍ୟ ମଧ୍ୟରୁ ସରଳ ବାକ୍ୟଟି ଚିହ୍ନାଅ ?

i) ମୁଁ କହିଥିବା ଜିନିଷଟି ଆଣିଛ ତ ?

ii) ମୁଁ ଯେଉଁ ଜିନିଷ କହିଥିଲି, ଆଣିଛ ?

iii) ମୁଁ କହିଥିଲି ଏବଂ ସେହି ଜିନିଷ ଆଣିଛ ?

iv) ମୁଁ କହିଥିଲି ତେଣୁ ଜିନିଷଟି ଆଣିଛ ।

**6. ଉତର ପର୍ଯ୍ୟାୟ ମଧ୍ୟରୁ ଶୁଦ୍ଧ ଶବ୍ଦଟିକୁ ବାଛି ଲେଖ । (ଯେକୌଣସି ପାଂଚଟିର) (୧x୫=୫)**

| | | | |
|---|---|---|---|
| (କ)( i)ଆଶିଷ | (ii)ଆଶୀଷ | (iii)ଆସିଶ | (iv)ଆଶୀସ |
| (ଖ)( i)ଅନସୂୟା | (ii)ଅନୁସୂୟା | (iii)ଅନୂସୁୟା | (iv)ଅନସୁୟା |
| (ଗ)(i)ଶଶିଭୂଷଣ | (ii)ଶଶୀଭୂଷଣ | (iii)ଶଷୀଭୂଷଣ | (iv)ଶଶୀଭୁସଣ |
| (ଘ)( i)ବିଷର୍ଣ୍ଣ | (ii)ବିସର୍ଣ୍ଣ | (iii)ବିଷଣ୍ଣ | (iv)ବିଷର୍ଣ୍ଣ |
| (ଙ)( i)ଶାରୀରୀକ | (ii)ଶାରିରିକ | (iii)ଶାରୀରିକ | (iv)ଶାରିରୀକ |
| (ଚ)( i)ଜୀବୀତ | (ii)ଜୀବିତ | (iii)ଜିବିତ | (iv)ଜିବୀତ |
| (ଛ) (i )ଅପରାହ୍ନ | (ii)ଅପରାହନ | (iii)ଅପରାହ୍ନ | (iv)ଅପରାହ୍ନ |

**7. ନିମ୍ନଲିଖିତ ରୂଢ଼ି ପ୍ରୟୋଗର ଅର୍ଥ ବୁଝାଉଥିବା ଠିକ୍ ବିକଳ୍ପଟିକୁ ବାଛି ଲେଖ । (ଯେକୌଣସି ପାଂଚଟିର)(୧x୫=୫)**

(କ)ଆଖି ରଖିବା

(i)ଭୟ ଦେଖାଇବା

(ii)ସତର୍କ ଦୃଷ୍ଟି ରଖିବା

(iii)ଭଲ ଲାଗିବା

(iv)ନିଜେ ଅନୁଭବ କରିବା

(ଖ)ଦେହଲଗା

(i)ଦାୟିତ୍ୱହୀନ

(ii)ଅତି ବିଶ୍ୱାସୀ

(iii)ଦାରିଦ୍ର୍ୟ

(iv)ଦରିଦ୍ରଚିନ୍ତା

(ଗ)ଓଳିଆରୁ ପିଢି ଗଢା

(i)ଅତି ଚତୁର

(ii)ପ୍ରଲୋଭନ ଦେଖାଇବା

(iii)ଜନ୍ମରୁ ଚତୁର

(iv)ଅତି ଚତୁର

(ଘ)କୁମ୍ଭୀର କାନ୍ଦଣା

(i )ଭାଗ୍ୟଫଳ

(ii) ଛଳନା

(iii)ନିଜଲୋକ ଶତ୍ରୁ

(iv)ଅବସ୍ଥା ଅସମ୍ଭାଳ ହେବା

(ଙ)ଗୋଟିଏ ଚାଉଳରେ ଗଢ଼

(i)ଅତିସୁନ୍ଦର

(ii)ଅସୁନ୍ଦର

(iii)ନିର୍ବୋଧ

(iv)ଭଲ

(ଚ)ବିରାଡ଼ି ଛିଙ୍କିବା

(i)ଇଛାମତେ ସୁଯୋଗ ମିଳିବା

(ii)ଅନୁକୂଳ ବିଗିଡ଼ିବା

(iii)ଶକ୍ତିଶାଳୀ ଲୋକ ବିରୋଧରେ ପ୍ରଥମେ ବାହାରିବା

(iv)ଆପେ ବିପଦକୁ ବରଣ କରିବା

ଚ। ନାକ ଛିଣ୍ଡାଡ଼ିବା

i) ବିରକ୍ତ ହେବା

ii) ଘୃଣା କରିବା

iii) ଆଶ୍ରୟ କରିବା

iv) ସର୍ବନାଶ କରିବ

8. ଉତର ପର୍ଯ୍ୟାୟରୁ ଠିକ ଉତରଟି ବାଛି ଲେଖ । (ଯେକୌଣସି ପାଂଚଟିର) (୧x୫=୫)

(କ) 'ଭାଗବତବାଣୀ' ଛନ୍ଦର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?

(i)୯

(ii)୧୬

(iii)୧୮

(iv)୨୦

(ଖ) କେଉଁ ଛନ୍ଦର ଅନ୍ୟନାମ ବିଭାସକେଦାର ?

(i)ନଟବାଣୀ

(ii)ଭାଗବତ ବାଣୀ

(iii)ବଙ୍ଗଳାଶ୍ରୀ

(iv)ରାମକେରୀ

(ଗ) ଉତ୍କଳ'- କମଳା'- ବିଳାସ'- ଦୀର୍ଘିକା'

ମରାଳ'- ମାଳିନୀ'- ନିଳାମ୍ବୁ'- ଚିଲିକା' । ଏହା କେଉଁ ଛନ୍ଦରେ ରଚିତ ?

(i)ଭାଗବର ବାଣୀ

(ii)ବଙ୍ଗଳାଶ୍ରୀ

(iii)ନଟବାଣୀ

(iv)ରମକେରୀ

(ଘ) କେଉଁ ଛନ୍ଦରେ ତୃତୀୟ, ପଚଂମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

(i)ନଟବାଣୀ

(ii)ରାମକେରୀ

(iii)ବଙ୍ଗଳାଶ୍ରୀ

(iv)ଭାଗବତବାଣୀ

(ଙ) କେଉଁ ଛନ୍ଦର ଅନ୍ୟନାମ ଗୁଜ୍ଜରୀ ?

(i) ଭାଗବତବାଣୀ

(ii)ବଙ୍ଗଳାଶ୍ରୀ

(iii)ନଟବାଣୀ

(iv)ରାମକେରୀ

(ଚ) ପ୍ରାଣୀର' ଭଲ'ମନ୍ଦବାଣୀ'

ମରଣ' କାଳେ' ତାହା ଜାଣି' । - ଏହା କେଉଁ ଛନ୍ଦ ରଚିତ ?

(i)ରାମକେରୀ

(ii)ବଙ୍ଗଳାଶ୍ରୀ

(iii)ନଟବାଣୀ

(iv)ଭାଗବତବାଣୀ

9. ରଚନା ଲେଖ ।

(୮)

ନାରୀ ସଶକ୍ତି କରଣ

କିମ୍ବା

ଓଡିଶାର କୁଟୀର ଶିଳ୍ପ

କିମ୍ବା

ବୈଦୁତିକ ଗଣ ମାଧ୍ୟମର ପ୍ରଭାବ

10. କୋଭିଡ୍ ନିୟମ ପାଳନରେ କୋହଳ ମନୋବୃତି ପୋଷଣ ନ କରିବାକୁ ଜନସାଧାରଣଙ୍କୁ ସତର୍କ କରାଇବା ନିମନ୍ତେ ଖବରକାଗଜ ସଂପାଦକଙ୍କୁ ପତ୍ରଲେଖ ।

(୭)

କିମ୍ବା

"ସ୍ୱାସ୍ଥ୍ୟ ହିଁ ସମ୍ପଦ" ସ୍ୱାସ୍ଥ୍ୟ ପ୍ରତି ସଚେତନଶୀଳ ହେବାପାଇଁ ଏକ ବିବରଣୀ ପ୍ରକାଶକରି ଜନସଚେତନତା ସୃଷ୍ଟିକରିବାକୁ ଖବର କାଗଜ ସଂପାଦକଙ୍କୁ ପତ୍ରଲେଖ ।

11. ଯେକୌଣସି ଗୋଟିଏର ସପ୍ରସଙ୍ଗ ସରଳାର୍ଥ ଲେଖ ।

( ୫)

(କ)ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ

(ଖ)ବଥସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

12. ଯେକୌଣସି ଗୋଟିଏର ସପ୍ରସଙ୍ଗ ସରଳାର୍ଥ ଲେଖ । (୫)

(କ) ମରଣ ଦୁଆରେ ଚରଣ ଅରପି

ଗାଅରେ ଅମର ଗାନ ।

ପୋଛିଦିଅ ଆଜି ମାନବ ଶିରସୁଁ

ସଚିଂତ ଅପମାନ ।।

(ଖ) ଉଲ୍ଲାସର ଆତ୍ମା ପ୍ରାୟେ ଗୀତ ତାନ

ହ୍ରଦ ନୀଳ ବକ୍ଷେ କରେ ଅଧିଷ୍ଠାନ

13. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ୫ଟିର) (2x5=10)

କ। ପଲ୍ଲୀରେ ଏକପରିବାରତ୍ୱ ଗଢ଼ି ଉଠିବାର କି ପ୍ରମାଣ ମିଳେ ?

ଖ। ଆମେ ସଭ୍ୟତାର ଆଖ୍ୟା କାହାକୁ ଦେଇଥାଉ ?

ଗ। ବିଦେଶୀ ଭାଷା ଲୋକଙ୍କ ଭିତରେ ସହଜରେ ପ୍ରସାରିତ ନ ହେବାର କାରଣ କ'ଣ ?

ଘ। ଇହଧାମ ତ୍ୟାଗ ପୂର୍ବରୁ ଶ୍ରୀରାମକୃଷ୍ଣଙ୍କର ଶିଷ୍ୟ ନରେନ୍ ପ୍ରତି ଆଦେଶ କ'ଣ ଥିଲା ?

ଙ। ଭବିଷ୍ୟତର ତରୁଣମାନେ କ'ଣ କଲେ ଜାଗି ଉଠିବେ ବୋଲି କବି କହିଛନ୍ତି ?

ଚ। ସୀତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଉଷା କି' ବ୍ୟବସ୍ଥାମାନ କରାଇଥିଲେ ?

ଛ। ଶିଖାର ଉଠିବା ପଡ଼ିବା ସହିତ କବି କାହାକୁ ତୁଳନା କରିଛନ୍ତି ?

14. ନିମ୍ନପ୍ରଶ୍ନର ଉତ୍ତର ନିଜଭାଷାରେ ଲେଖ ? (୫)

ସକାଳ ପରିବେଶକୁ ଗାଳ୍ପିକ କିପରି ବର୍ଣ୍ଣନା କରିଛନ୍ତି ?

କିମ୍ବା

ମଣିଷ ଜାତିଟା ଅକୃତଜ୍ଞ ବୋଲି ନଟବର ବାବୁ ସମ୍ପର୍କରେ କଣ ଭାବିଛନ୍ତି ।

କିମ୍ବା

ବିଶୁମହାରଣାର ଚରିତ୍ର ସଂକ୍ଷେପରେ ବର୍ଣ୍ଣନା କର ।

Sample Question Paper - 6
Marking Scheme - 2020-21
Class - X
ODIA -(013)

মূল্যায়ন পদ্ধতি

Time allowed 3 hours. Mark 80

1.ନିମ୍ନ ଅନୁଚ୍ଛେଦଟି ପଢି ଯେକୌଣସି ପାଞ୍ଚଟି ପ୍ରଶ୍ନର ଠିକ୍ ଉତ୍ତର ବାଛ । 5×1=5

କ.(ii)କଂସ

ଖ.(iv)ଏଗାର

ଗ.(iii)କୃଷ୍ଣ ଲୀଳା

ଘ.(ii)ଧନୁଯାତ୍ରା

ଙ.( iii)ବରଗଡ଼

ଚ.( i ) ପୌଷ ଶୁକ୍ଳପକ୍ଷ ପଞ୍ଚମୀ

ଛ (ii)ଦ୍ୱାପର

2.ନିମ୍ନ ପଦ୍ୟାଂଶଟିକୁ ପଢି ଯେକୌଣସି ପାଞ୍ଚଟି ପ୍ରଶ୍ନର ଉତ୍ତର ଲେଖ। 1×5

କ.ମାଟି ପାଣି ପବନ

ଖ.ମାଟିର

ଗ. ନଦୀ ସମୁଦ୍ର

ଘ.ଚେରମୂଳି

ଙ ଜନ୍ମମାଟି

ଚ.ବଣପକ୍ଷୀ

ଛ. ମାଟି ମାଆର

କିମ୍ବା

କ.ମୀନ ଜୀବୀ ନାବର

ଖ.ଗୀତରତାନ

ଗ.ନିଜଗୃହକଥା

ଘ.ମୀନଜୀବୀ

ଙ.ମଧୁର ହସିନୀ ଓ ଜ୍ୟୋସ୍ନା ଦୁକୁଳ ବାସିନୀ

ଚ.ଅତୀନ୍ଦ୍ରିୟ ରାଜ୍ୟରେ

ଛ. ଚୌଦିଗରେ

3.କ.ମନବୋଧ ଚଉତିଶା

ଖ.ମାନବରସର୍ବାଙ୍ଗୀନ ଉନ୍ନତି ସାଧନ 1×5

ଗ.ଗଣତନ୍ତ୍ର

ଘ.ଦାରିଦ୍ରନାରାୟନଣ ସେବା

ଙ.୩ଦିନକୁ

ଚ.ସିଦ୍ଧି ଯୋଗୀ ପାଓହରିବାବା

ଛ. ସେମାଙ୍କ ମାତୃଭାଷା ରେ

4.

କ.ଭୀମସେନ 1×5

ଖ.ଝିଙ୍କାରୀରଝଙ୍କାର

ଗ.ବଳଦେବରଥ

ଘ. ତପସ୍ୱିନୀ

ଙ.ପଲ୍ଲବକୁ

ଚ.ଜାତିଉପଜାତି

ଛ. ଚେତନାର ଚାବିକାଠି

5.

କ.ଯେଉଁ ଛାତ୍ରମାନେ ପରିଶ୍ରମ କରନ୍ତି ସେମାନେକୃତକାର୍ଯ୍ୟ ହୁଅନ୍ତି 1×5

ଖ.ସରଳ

ଗ.ଜଟିଳ

ଘ.ସଂଧ୍ୟାହୁଏ ଏବଂ ପଶ୍ଚିମ ଆକାଶ ରକ୍ତିମ ଦେଖାଯାଏ

ଙ.ସରଳ

ଚ.ଜଟିଳ

ଛ. ମୁଁ କହିଥିବାଜିନିଷ ଟି ଆଣିଛ?

6. କ.ଆଶିଷ

ଖ.ଅନସୂୟା 1×5

ଗ.ଶଶିଭୂଷଣ

ଘ. ବିଷଣ୍ଣ

ଙ.ଶାରୀରିକ

ଚ. ଜୀବିତ

ଛ ଅପରାହ୍ଣ

7. 1×5

କ.ସତର୍କ ଦୃଷ୍ଟିରଖିବା

ଖ.ଅତିବିଶ୍ୱାସୀ

ଗ.ଜନ୍ମରୁଚତୁର

ଘ.ଛଳନ

ଙ.ଅତିସୁନ୍ଦର

ଚ. ଅନୁକୂଳବିଗିଡିବା

ଛ. ବିରକ୍ତ ହେବା

8. 1×5

କ. ୯

ଖ. ନଟବାଣୀ

ଗ.ନଟବାଣୀ

ଘ.ଭାଗବତାବାଣୀ

ଙ.ଭାଗବତାବାଣୀ

ଚ.ଭାଗବତାବାଣୀ

ଛ. ୨୦

9.ଉପକ୍ରମ (8)

ବିଷୟବସ୍ତୁ ବିଶ୍ଳେଷଣ

କାରଣ ଓ ନିରାକରଣ

ଉପସଂହର

10.ସମ୍ପାଦକଙ୍କୁ ସଂବୋଧନ ଓ ଠିକଣା (7)

ବିଷୟବସ୍ତୁ

ଭାଷା ଓ ଲିଖନ ଶୈଳୀ

11.ସପ୍ରସଂଗ ସରଳାର୍ଥ ଲେଖ(ଗଦ୍ୟ) (5)

ପ୍ରବନ୍ଧ ,ପ୍ରାବନ୍ଧିକଙ୍କ ନାମ

ପ୍ରସଙ୍ଗ ନିର୍ଦ୍ଦେଶ

ବର୍ଣ୍ଣନା

12.ସପ୍ରସଂଗ ସରଳାର୍ଥ ଲେଖ(ପଦ୍ୟ) (5)

ପ୍ରବନ୍ଧ ,ପ୍ରାବନ୍ଧିକଙ୍କ ନାମ

ପ୍ରସଙ୍ଗ ନିର୍ଦ୍ଦେଶ

ବର୍ଣ୍ଣନା

13.ସଂକ୍ଷେପରେ ଉତ୍ତର ଲେଖ(ଯେକୌଣସିଃଟିର) 2×5=10

କ.ପଲ୍ଲୀରେ ଏକ ପରିବାରତ୍ଵ ଗଢ଼ିଉଠିଥିବାର ପ୍ରମାଣ ହେଉଛି,ପଲ୍ଲୀରେ କେହି ଭାଇ କେହିକକା କେହି ଖୁଡ଼ୀ ଇତ୍ୟାଦି ଭାବରେ ସମସ୍ତ ଗ୍ରାମବାସୀ ପରସ୍ପର ମଧ୍ୟରେ ପରିଚିତ ହୋଇଥାନ୍ତି ।

ଖ.ମାନବ ଯେଉଁ ବୈଷୟିକ,ଶାରୀରିକ,ମାନସିକ ଓ ନୈତିକ ଉନ୍ନତି ତଥା ଜ୍ଞାନ ସାଧନ କରିଥାଏ,ଆମେ ତାକୁ ହିଁ ସଭ୍ୟତା ଆଖ୍ୟା ଦେଇଥାଉ ।

ଗ.କାରଣ ବିଦେଶୀ ଭାଷା ପାଇଁ ଅଧିକ ମାନସିକ ପରିଶ୍ରମକରିବାକୁ ପଡିଥାଏ। ମାତୃଭାଷା ପାଇଁମନ ଭିତରେ ଯେପରି ସ୍ଫୁର୍ତ୍ତି ହୁଏ, ବିଦେଶୀ ଭାଷାପାଇଁ ମାନଭିତରେ ସେପରି ଭାବ ରାହୀନଥାଏ।

ଘ.ଏହଧାମ ତ୍ୟାଗ ପୂର୍ବରୁ ଶ୍ରୀ ରମକୃଷ୍ଣ ନିଜର ତରୁଣ ଶିଷ୍ୟମାନଙ୍କୁ ନରେଙ୍କହାତରେ ସମର୍ପଣ କରିବା ସହିତ ନରେନ୍ କୁ ଜଗତର କଲ୍ୟାଣ ସାଧନ କରିବାରେ ବ୍ରତୀ ହେବାକୁ ନିର୍ଦ୍ଦେଶ ଦେଇଥିଲେ।

ଙ.ଅତୀତର ଦୁଃଖ,ଦୈନ୍ୟ ନିପୀ ଡିତ ଦୁର୍ବଳ ଜୀବନକୁ ବିଦୀର୍ଣ୍ଣ କଲେ ହିଁ

ଚ.ସୀତାଙ୍କୁ ଅଭିନନ୍ଦନ ଜଣାଇବାପାଇଁ ଉଷାରାଣୀ ସଙ୍ଗୀତ ନୃତ୍ୟ, ବାଦ୍ୟ ତଥା ସ୍ତୁତିପାଠର ବ୍ୟବସ୍ଥା ମାନ କରାଇଥିଲେ।

ଛ. ଦୁଃଖୀଜନ ମନରେ ସୃଷ୍ଟ ଆଶା ଓ ହତାଶାକୁ ତୁଳନା କରିଛନ୍ତି।

14.ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ (5)

ଗାଳ୍ପିକ/ନାଟ୍ୟକାରଙ୍କ ର ପରିଚୟ।

ବିଷୟବସ୍ତୁ

ନିଜସ୍ୱ ମତ/ଉପସଂହାର